## ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ସମ୍ପନ୍ନ

# କଳାକାରଙ୍କୁ ଧନ୍ୟବାଦ ଜଣାଇଲା ଜିଲ୍ଲା ପ୍ରଶାସନ



ବରଗଡ଼, ୪।୧(ସମିସ): ବିଗତ ୧୧ ଦିନ ଧରି ବରଗଡ଼ ସହରରେ ଚାଲିଥିବା ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଶେଷ ହୋଇଛି। ଏଥିରେ ଜିଲ୍ଲା, ରାଜ୍ୟ ବାହାରର କଳାକାର ସମେତ ଶ୍ରୀଲଙ୍କା କଲମ୍ବୋରୁ କଳାକାରମାନେ ବରଗଡ଼କୁ ଆସି ନିଜ ନିଜର କଳା ପ୍ରଦର୍ଶନ କରିଛନ୍ତି। ଏଥିରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା, ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥି, ସାଂସ୍କୃତିକ କମିଟି ଆବାହକ ଗୋପାଳ କୃଷ୍ଣ ଦାଶ, ସଙ୍କଳ୍ପ ଷଡଙ୍ଗୀ, ଅଶୋକ ପାଣିଗ୍ରାହୀ, ହରିଶ ଖମାରୀ ପ୍ରମୁଖ ସମସ୍ତ କଳାକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀଲଙ୍କା କଲମ୍ବୋରୁ ଆସିଥିବା କଳାକାର ଖୁବ୍ ଖୁସି ହୋଇ ବରଗଡ଼ବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସୁଯୋଗ ମିଳିଲେ ପୁଣି ଏହି ପବିତ୍ର ବରଗଡ଼ ମାଟିକୁ ଆସିବୁ ବୋଲି କହିଥିଲେ।

# ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କଲେ ମହାରାଜ କଂସ



ବରଗଡ଼, ୪।୧(ସମିସ): ଦୀର୍ଘ ଏଗାର ଦିନର ଧନୁଯାତ୍ରାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିଲା। ଏହି ବିରାଟ ଯାତ୍ରାର ସଫଳତା ପଛରେ ଅନେକ ସରକାରୀ ଅଧିକାରୀଙ୍କ ଅବଦାନ ରହିଥିଲା। ଶନିବାର ଧନୁଯାତ୍ରାର ଅନ୍ତିମ ଦୃଶ୍ୟ ପୂର୍ବରୁ ମହାରାଜ କଂସ ଯାତ୍ରାର ସଫଳତା ପଛରେ ରହିଥିବା ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ତହସିଲଦାର ସୋନାଲି ପଟ୍ଟନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ଦେବାନନ୍ ସାହୁ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅରୁଣ ପାଣ୍ଡେଙ୍କୁ ମହାରାଜ କଂସଙ୍କ ସମେତ ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥି, ରଙ୍ଗ ମହଲ କମିଟି ଆବାହକ ଅକ୍ରୁର ମଲ୍ଲିକ, ରାଜେଶ ଶତପଥୀ, ଦେବାନନ ସାହୁ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ।

# ନୃସିଂହନାଥରେ ବୁଡ଼ ପକାଇ ପାପ ଧୋଇଲେ ପାତ୍ରମନ୍ତ୍ରୀ, ପରିଷଦ



ପାଇକମାଲ, ୪।୧(ସମିସ): ବରଗଡ଼ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଶନିବାର ଶେଷ ହୋଇଛି। ବିଶ୍ୱର ସର୍ବବୃହତ୍ତ ମୁକ୍ତାକାଶ ରଙ୍ଗ ମଞ୍ଚ ଧନୁଯାତ୍ରା ମହୋତ୍ସବରେ ଭଗବାନ କୃଷ୍ଣ, ବଳରାମ, ଦେବକୀ, ବାସୁଦେବଙ୍କୁ ମହାରାଜ କଂସ ଓ ତାଙ୍କ ପାତ୍ର, ମନ୍ତ୍ରୀ, ସୈନ୍ୟ ସେନା, ପରିଷଦ ଗଣ, ଅନେକ ଅତ୍ୟାଚାର କରି କଟୁ କଥା କହିଥିଲେ। ଏପରିକି ଭଗବାନ କୃଷ୍ଣ ଓ ବଳରାମଙ୍କୁ ମାରିବା ପାଇଁ ଗୋପପୁରରୁ ମଥୁରାକୁ ଡକାଇଥିଲେ। ମହାରାଜ କଂସଙ୍କ ମୃତ୍ୟୁ ପରେ କଂସ ଭୂମିକାରେ ଅଂଶଗ୍ରହଣ କରିଥିବା ଶୁଶିଲ ମେହେର ପୁରୀ ମହୋଦଧିରେ ବୁଡ଼ ପକାଇବାକୁ ଯାଇଥିବା ବେଳେ ଅନ୍ୟପାତ୍ର ମନ୍ତ୍ରୀ ପରିଷଦ ଗଣ ତାଙ୍କର ପାପ ମୋଚନ ପାଇଁ ମଙ୍ଗଳବାର ନୃସିଂହନାଥ ମନ୍ଦିର ଆସି ପାପ ନାଶିନୀ ଝରଣାରେ ଥିବା ଗୋକୁଣ୍ଡ ଘାଟରେ ବୁଡ଼ ପକାଇ ପାପ ଖଣ୍ଡନ ପାଇଁ ଭଗବାନ ନୃସିଂହନାଥଙ୍କୁ ଦର୍ଶନ କରି କ୍ଷମା ପ୍ରାର୍ଥନା କରିଛନ୍ତି। ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହାମନ୍ତ୍ରୀ ସତ୍ରାଜୀତ୍ ଗୋଲାପ ଚନ୍ଦ୍ର ଦାସ, ମହାମନ୍ତ୍ରୀ ଅନାଦୃଷ୍ଟ ନନ୍ଦିଘୋଷ ମହାପାତ୍ର, କନିଷ୍ଠ ଭ୍ରାତା ସୁନାସ ବୃନ୍ଦାବନ ପ୍ରଧାନ, ସଖା କେଶି ଦତ୍ୟ ମୁନେଶ ଚାନ୍ଦ ଆଚାର୍ଯ୍ୟ, ମୁଖ୍ୟ ସେନାପତି ହଂସଧ୍ୱଜ ହେମନ୍ତ ପାଧାନ, ମୁଖ୍ୟ ସେନାଧକ୍ଷ ସିଂହଧ୍ୱଜ ଜୈମିନି ସାହୁ, ସେନାପତି କାଳ ଘଣ୍ଟ ହୃଷୀକେଶ ମେହେର, ପ୍ରଦ୍ୟୋତ ମିତ୍ରଭାନୁ ସାହୁ, କାଳକଣ୍ଟକ ଦେବକାନ୍ତ ବନଛୋର, କଦମ୍ବାସୁର ଚିନ୍ତାମଣି କୁମ୍ଭାର, ମହାମଲ୍ଲ ଚାଣୁର ହିମାଂଶୁ ସାହୁ, ଶଙ୍ଖଚୂଡ଼ ଭଗବାନ ପାଣ୍ଡେ, ସକଟାସୁର ସରୋଜ ବିଶ୍ୱାଳ, ଅଘାସୁର ସରୋଜ କୁମାର ଭୋଇ, ରାଜଦୂତ ସରୋଜ କୁମାର ପାତ୍ର ଓ ପ୍ରକାଶ ପାତ୍ର, ବସୁଦେବ ମନୋଜ କୁମାର ସାହୁ ପ୍ରମୁଖ କଳାକାର ମନ୍ଦିରରେ ପହଞ୍ଚିବା ପରେ କର୍ମଚାରୀମାନେ ସେମାନଙ୍କୁ ସ୍ୱାଗତ କରିଥିଲେ। ସମସ୍ତ କଳାକାର ବୁଡ଼ ପକାଇବା ପରେ ଭଗବାନ ନୃସିଂହନାଥଙ୍କୁ ଦର୍ଶନ କରିଥିଲେ।

# ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ ସମ୍ବର୍ଦ୍ଧିତ



ବରଗଡ଼, ୪।୧(ସମିସ): ଦୀର୍ଘ ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ଧରି ବିଶ୍ୱର ସର୍ବବୃହତ୍ତ ମୁକ୍ତାକାଶ ରଙ୍ଗମଞ୍ଚ 'ବରଗଡ଼ ଧନୁଯାତ୍ରା ମହୋତ୍ସବ'ର ସଫଳ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛନ୍ତି ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ। ଏହାସହ ଆଞ୍ଚଳିକ ତଥା ରାଜ୍ୟ ଓ ଦେଶର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ପ୍ରୋତ୍ସାହନ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଛି। ଏହି ଅବଦାନର ସ୍ୱୀକୃତି ସ୍ୱରୂପ ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତି ପକ୍ଷରୁ ସୁରେଶ୍ୱର ଶତପଥୀଙ୍କୁ କୃତଜ୍ଞତାପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଧନୁଯାତ୍ରାର ଅନ୍ତିମ ଦିନରେ ମହାରାଜ କଂସଙ୍କ ଦରବାରରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୁରେଶ୍ୱର ଶତପଥୀଙ୍କୁ ସମ୍ମାନିତ କରାଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ତାଙ୍କ ଦୀର୍ଘାୟୁ କାମନା କରିବା ସହ କୃତଜ୍ଞତା ଜଣାଇଛନ୍ତି।

# ନିଷ୍ଠା ପରିବାରର ୧୧ ଦିନିଆ ରକ୍ତଦାନ ଶିବିର



ବରଗଡ଼, ୪।୧(ସମିସ): ୭୮ତମ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଅବସରରେ ବୀରାଧି ବୀରବର ପ୍ରବଳ ପ୍ରତାପୀ ମଥୁରା ନରେଶ କଂସ ମହାରାଜଙ୍କ ଆଦେଶାନୁସାରେ ଜର୍ଜ ହାଇସ୍କୁଲ ମୀନା ବଜାର ପଡ଼ିଆ, ମଥୁରା ନଗରୀ, ବରଗଡ଼ଠାରେ ନିଷ୍ଠା ପରିବାର ତରଫରୁ ୧୧ ଦିନିଆ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଶେଷ ଦିନ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୁଖ୍ୟଅତିଥି ଭାବରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସମ୍ବଲପୁରର ରିଜିଓନାଲ ଅଫିସର ସତ୍ୟ ନାରାୟଣ ନନ୍ଦ, ବରିଷ୍ଠ ଡାକ୍ତର ସୁରେଶ ତ୍ରିପାଠୀ, ବିଶିଷ୍ଟ ସମାଜସେବୀ ତଥା ଡାକ୍ତର ରାଜେଶ ତ୍ରିପାଠୀ, ପୂର୍ବତନ ଏପିକଲ ଅଧକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର ଉପସ୍ଥିତ ରହି ମା' ସମଲେଇଙ୍କ ପୂଜାର୍ଚ୍ଚନା ପରେ ଫିତା କାଟି ଶିବିରର ଶୁଭାରମ୍ଭ କରିଥିଲେ। ରକ୍ତଦାତାମାନଙ୍କୁ ଉତ୍ସାହିତ କରି ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ପାଇକମାଲ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟର ଅତିରିକ୍ତ ଅଧକ୍ଷକ ଡାକ୍ତର ଶରତ ବେହେରା, ସିନିୟର ମେଡିକାଲ ଅଫିସର ଡାକ୍ତର ଅଜିତ ଦର୍ଜି, ବରଗଡ଼ର ଜଣାଶୁଣା ଡାକ୍ତର ଅଶ୍ୱିନୀ ଭୋଇ ଉପସ୍ଥିତ ରହି ନିଜେ ରକ୍ତଦାନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଧନୁଯାତ୍ରା ଦେଖିବାକୁ ଆସିଥିବା ଯୁବକ ଓ ଯୁବତୀମାନଙ୍କ ମଧ୍ୟରେ ଶେଷ ଦିନ ରକ୍ତଦାନ ପ୍ରତି ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଶେଷ ଦିନ ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ୧୭୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଦୀର୍ଘ ଏଗାର ଦିନ ଧରି ଚାଲିଥିବା ଏହି ରକ୍ତଦାନ ଶିବିରରୁ ସର୍ବମୋଟ ୧୧୫୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସେଥିମଧ୍ୟରୁ ବରଗଡ଼ ରକ୍ତଭଣ୍ଡାରକୁ ୩୯୪ ୟୁନିଟ୍, ବୁର୍ଲା ରକ୍ତଭଣ୍ଡାରକୁ ୬୯୦ ୟୁନିଟ୍, ସମ୍ବଲପୁର ରକ୍ତଭଣ୍ଡାରକୁ ୭୧ ୟୁନିଟ୍ ପଠାଯାଇଥିଲା। ସମଗ୍ର ଶିବିରକୁ ନିଷ୍ଠା ପରିବାରର ନିଷ୍ଠାବାନ ସଦସ୍ୟ ଓ ସଦସ୍ୟାମାନେ ପରିଚାଳନା କରିଥିଲେ। ରକ୍ତଦାନ ଶିବିର ସହିତ ସଂଲଗ୍ନ ଭାବରେ ଏକ ସ୍ତନ୍ୟପାନ କେନ୍ଦ୍ର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ସମସ୍ତ ରକ୍ତଦାତା, ଶୁଭେଚ୍ଛୁ ଓ ସହଯୋଗୀମାନଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଛି।

**୧୧୫୫ ୟୁନିଟ୍ ରକ୍ତ ସଂଗୃହୀତ**

# ଜେଆର୍‌ସି ପକ୍ଷରୁ ପ୍ରାଥମିକ ସହାୟତା ଓ ପାନୀୟ ଜଳ ବଣ୍ଟନ



ବରଗଡ଼, ୪।୧(ସମିସ): ବରଗଡ଼ ଜିଲ୍ଲାରେ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଅବସରରେ ଜୁନିଅର୍ ରେଡ୍‌କ୍ରସ(ଜେଆର୍‌ସି) ବରଗଡ଼ ଜିଲ୍ଲା ଆନୁକୂଲ୍ୟରେ ଦର୍ଶକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ, ଗ୍ଲୁକୋଜ ପାଣି ଓ ଲେମନ ଟି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଡିପିଇଓ ଜ୍ୟୋତିଷ ଚନ୍ଦ୍ର ପଧାନ, ଜୁନିଅର୍ ରେଡ୍‌କ୍ରସ ଅଧିକାରୀ ହେମନ୍ତ ସାମଲ, ଗଣେଶ ବାରିକ, ଦେବରାଜ ପଧାନ, ଅଭିଷେକ ବାରିକ, ଝରଣା ଦାସ, ବିଜୁଳିବତୀ ଦଳେଇ, ସୌମ୍ୟ କୁମାର ବିଭାର, ପରମାନନ୍ଦ ସାହୁ, ରେଡ୍‌କ୍ରସ କାଉନସେଲର ଗିରିଧାରୀ ଡନସନା, ରେଡ୍‌କ୍ରସ କାଉନସେଲର ସଞ୍ଜୟ ଖମାରୀ, ପ୍ରଦୀପ ସାହୁ, ଶ୍ରୀବାସ ପଧାନ, ବିଶ୍ୱମ୍ଭର ପଧାନ, ଧର୍ମରାଜ ପଧାନ, ଜ୍ୟୋସ୍ନା ମହାନନ୍ଦ, ଦାମୋଦର ମହାପାତ୍ର, କୃଷ୍ଣଚନ୍ଦ୍ର ନାଏକ ଓ ହୃଦମଣି ଭୋଇ ପ୍ରମୁଖ ମଥୁରା ନଗରୀରେ ଥିବା ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଉପସ୍ଥିତ ରହି ଏହି ବଣ୍ଟନ କାର୍ଯ୍ୟ ସମ୍ପାଦନ କରିଥିଲେ। ଜୁନିଅର୍ ରେଡ୍‌କ୍ରସ ତରଫରୁ ଆଶୁ ଚିକିତ୍ସାର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏପରି ସୁବିଧା ପାଇ ପାଞ୍ଚ ହଜାରରୁ ଅଧିକ ଦର୍ଶକ ଆତ୍ମତୃପ୍ତି ଲାଭ କରିଥିଲେ। ଏଥିରେ ଖଜୁରଟିକ୍ରା ପ୍ରାଥମିକ ସ୍କୁଲ ଓ ଟାଉନ୍ ହାଇସ୍କୁଲର ରେଡ୍‌କ୍ରସ ଛାତ୍ରଛାତ୍ରୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଏଥିରେ ନିୟୋଜିତ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଡିଇଓ, ଏଡ଼ିଇଓ ସରୋଜ କୁମାର ଭୁଏ ଏଡିଇଓ ବିନୟ କୁମାର ସୋଏ, ବିଇଓ ଡ. ସୁରେନ୍ଦ୍ର ସାହୁଙ୍କ ସମେତ ଜିଲ୍ଲାର ସମସ୍ତ ବିଇଓ ସାଧୁବାଦ ଜଣାଇଛନ୍ତି।

# ଲେଙ୍ଗୁମିଶ୍ର ଷ୍ଟାଡିୟମ୍‌ରେ ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା





ବରଗଡ଼, ୪।୧(ସମିସ): ବିଶ୍ୱ ଧନୁଯାତ୍ରା ଉପଲକ୍ଷେ ଦିଲ୍ଲୀ ସୁଜାତା ହସ୍ତତନ୍ତ ଓ ହସ୍ତଶିଳ୍ପ ଦ୍ୱାରା ଲେଙ୍ଗୁମିଶ୍ର ମିନି ଷ୍ଟାଡିୟମରେ ଏକ ଜାତୀୟସ୍ତରର ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା ଆୟୋଜିତ ହୋଇଯାଇଛି। ଆସନ୍ତା ୧୪ ତାରିଖ ବୁଧବାର ପର୍ଯ୍ୟନ୍ତ ଏହା ଚାଲିବ। ଏହି ମେଳାରେ ୧୨୦ଟି ଷ୍ଟଲରେ ହରିୟଣା, ଦିଲ୍ଲୀ, ପଞ୍ଜାବ, ଆସାମ, ପଶ୍ଚିମବଙ୍ଗ, ତେଲେଙ୍ଗାନା, ପଣ୍ଡିଚେରୀ, ମଧ୍ୟପ୍ରଦେଶ, ଓଡ଼ିଶା ତଥା ୧୫ଟି ରାଜ୍ୟରୁ ଆସିଥିବା କୁଶଳୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ଉପଲବ୍ଧ ହେବ। ଏଥିସହ ଗ୍ରାହକଙ୍କ ପାଇଁ ସୁସ୍ୱାଦୁ ଖାଦ୍ୟ ଷ୍ଟଲ ମଧ୍ୟ ଖୋଲାଯାଇଛି ବୋଲି ରାଜେନ୍ଦ୍ର ଚୌଧୁରୀ କହିଛନ୍ତି। ପ୍ରତିଦିନ ହଜାର ହଜାର ଲୋକ ଆସି ବିଭିନ୍ନ ପ୍ରକାର ସମ୍ବଲପୁରୀ ଶାଢ଼ୀ, ବେଡସିଟ, ପାଟ ଶାଢ଼ୀ ଇତ୍ୟାଦି ଖୁବ୍ ସୁଲଭ ମୂଲ୍ୟରେ ପାଇପାରିବେ। ଦିଲ୍ଲୀ ସୁଜାତା ହସ୍ତତନ୍ତ ଓ ହସ୍ତ ଶିଳ୍ପ ମେଳା ପ୍ରଥମ କରି ଆରମ୍ଭ ହୋଇଛି। ସମସ୍ତ ଗ୍ରାହକମାନଙ୍କୁ ସ୍ୱତନ୍ତ୍ର ଭାବରେ ରିହାତି ଦରରେ ନୂଆ ନୂଆ ଡିଜାଇନ୍ ଯୋଗାଇ ଦିଆଯିବ ବୋଲି ରାଜେନ୍ଦ୍ର ଚୌଧୁରୀ କହିଛନ୍ତି।

# ରଣେଶ୍ୱର ରାମଚଣ୍ଡୀ ସମ୍ବଲପୁରୀ କ୍ୟାଲେଣ୍ଡର ଉନ୍ମୋଚିତ

ବରଗଡ଼, ୪।୧(ସମିସ): ଶନିବାର ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବର ଶେଷ ଦିବସରେ ମହାରାଜା କଂସଙ୍କ ଦ୍ୱାରା ରଙ୍ଗମହଲଠାରେ ସମ୍ବଲପୁରୀ ରାମଚଣ୍ଡୀ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଯାଇଛି। ଅତାବିରା ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ସଂଗଠକ ପ୍ରକୃତି ବନ୍ଧୁ ସୁବାଷ ପ୍ରଧାନଙ୍କ ଦ୍ୱାରା ଦୀର୍ଘ ୬ ବର୍ଷ ଧରି ପ୍ରକାଶିତ ହୋଇଆସୁଥିବା ଶ୍ରୀ ଶ୍ରୀ ମା'



ରଣେଶ୍ୱର ରାମଚଣ୍ଡୀ କେଲେଣ୍ଡରର ଷଷ୍ଠ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଧନୁଯାତ୍ରା ମହୋତ୍ସବର ଆବାହକ ସୁରେଶ୍ୱର ଶତପଥୀ, ରାଜେଶ ଶତପଥି, ଅକ୍ରୁର ମଲ୍ଲିକଙ୍କ ସହ ବହୁ ରାଜ ଅତିଥିଙ୍କ ସମେତ କୁଲିତା ସମାଜ ସଭାପତି ଅଗ୍ନୀ ପ୍ରଧାନ, ପରେଶ ବିଶି, ବରିଷ୍ଠ ସାମ୍ବାଦିକ ବିରେନ ପଧାନ, ଅରୁଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ୟାଲେଣ୍ଡରଟି ସମ୍ପୂର୍ଣ୍ଣ ସମ୍ବଲପୁରୀ (କୋଶଳି) ଭାଷାରେ ରହିଥିବା ସୁବାଷ ପ୍ରଧାନ କହିଛନ୍ତି।

# ରିଜର୍ଭ ବ୍ୟାଙ୍କ ପକ୍ଷରୁ ସାଇବର ସଚେତନତା

ବରଗଡ଼, ୪।୧(ସମିସ): ସର୍ବସାଧାରଣମାନଙ୍କୁ ବ୍ୟାଙ୍କରେ ଉପଲବ୍ଧ ହେଉଥିବା ବିଭିନ୍ନ ସୁବିଧା ବିଷୟରେ ଜଣାଇବା ତଥା ବଢୁଥିବା ସାଇବର ଠକେଇ ବିଷୟରେ ଅବଗତ କରାଇବା, ଜନସାଧାରଣଙ୍କ ମଧ୍ୟରେ ଆର୍ଥିକ ସଚେତନତା ସୃଷ୍ଟି କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର ତରଫରୁ ବରଗଡ଼ ଧନୁଯାତ୍ରାରେ ୨୪ ଡିସେମ୍ବର ୨୦୨୫ ଠାରୁ ୩ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଏକ ଆର୍ଥିକ ସାକ୍ଷରତା ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରରେ ଭାରତୀୟ ରିଜର୍ଭ ବ୍ୟାଙ୍କର କର୍ମଚାରୀମାନଙ୍କ ଦ୍ୱାରା ଜନସାଧାରଣଙ୍କୁ ବିଭିନ୍ନ ଆର୍ଥିକ ଯୋଜନା, ସଞ୍ଚୟ, ଋଣ, ପୁଞ୍ଜି ବିନିଯୋଗ ସମେତ ବୀମା, ପେନସନ, ଡିଜିଟାଲ ବ୍ୟାଙ୍କିଂ, ନକଲି ନୋଟ୍ ଚିହ୍ନଟ, ବ୍ୟାଙ୍କ ଦ୍ୱାରା ନୋଟ୍ ବିନିମୟ ସୁବିଧା, ସାଇବର ଠକେଇ ଏବଂ ଅଭିଯୋଗ ସମାଧାନ ଇତ୍ୟାଦି ବିଭିନ୍ନ ବିଷୟରେ ଅବଗତ କରାଯାଇଥିଲା। ଏହା ସମ୍ପର୍କିତ ଲିଫଲେଟ୍ ଓ ପୁସ୍ତକ ବିତରଣ କରାଯାଇଥିଲା। ଏଥିସହ ଏହି ଶିବିରରେ ବିଭିନ୍ନ ବ୍ୟାଙ୍କ ଦ୍ୱାରା ଚିରା ଫଟା ଏବଂ ମଇଳା ନୋଟ ବିନିମୟ ସୁବିଧା ପ୍ରଦାନ କରାଯାଇଥିଲା। ଜନସାଧାରଣଙ୍କ ମଧ୍ୟରେ ଆର୍ଥିକ ଶିକ୍ଷାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବ୍ୟାଙ୍କ ଦ୍ୱାରା କରାଯାଇଥିବା ଏହି ପ୍ରୟାସକୁ ଜିଲ୍ଲା ପ୍ରଶାସନ ଏବଂ ସାଧାରଣ ଜନତା ଉଚ୍ଚ ପ୍ରଶଂସା କରିଥିଲେ।




# ଏପ୍ରିଲ ୪ରେ ଦୁଇଦିନିଆ ସରଜିନା ଉତ୍ସବ



ପଦ୍ମପୁର, ୪।୧(ସମିସ): ରବିବାର ସିରଜିନା କାର୍ଯ୍ୟାଳୟରେ ସରଜିନାର ନୂଆବର୍ଷର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆଦିତ୍ୟ କୁମାର୍ ରଥ ସଭାପତିତ୍ୱ କରିଥିଲେ। ଆସନ୍ତା ଏପ୍ରିଲ ୪ ଓ ୫ ତାରିଖରେ ସରଜିନା ଉତ୍ସବ ପାଳନ ପାଇଁ ସ୍ଥିର କରାଯାଇଥିଲା। ଏହି ଅବସରରେ ହାଇସ୍କୁଲସ୍ତରୀୟ ନାଟକ ପ୍ରତିଯୋଗିତା ଓ ରାଜ୍ୟସ୍ତରୀୟ କବି ସମ୍ମିଳନୀ କରାଯିବ ବୋଲି ସମ୍ପାଦକ ରାଜେନ୍ଦ୍ର ମହାନ୍ତି ସୂଚନା ଦେଇଥିଲେ। ଆସନ୍ତା ୧୪ ତାରିଖରେ ମକର ମିଳନ କରାଯିବାକୁ ସ୍ଥିର କରାଯାଇଥିଲା। ଉକ୍ତ ବୈଠକରେ ପଣ୍ଡିତ ପରମେଶ୍ୱର ଦାଶ, ଦେବେନ୍ଦ୍ର ତ୍ରିପାଠୀ, ଆନନ୍ଦ ବେହେରା, ମହେଶ୍ୱର ସାହୁ, କେଦାର ସାହୁ, କିଶୋର ପାତ୍ର, ଆଶୁତୋଷ ପାଣିଗ୍ରାହୀ, ମୀନକେତନ ସାହୁ, ଦିଲେଶ୍ୱର ବାଗ, ସନାତନ ବାରିକ୍, ସନ୍ତୋଷ ମହାନ୍ତି, ଭୋଜରାଜ ବୁଡେକ, ସୁନୀଲ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆଦିତ୍ୟ ରଥଙ୍କୁ ସିରଜିନା ତରଫରୁ ସମ୍ମାନିତ କରାଯାଇଥିଲା। ଶେଷରେ ଉପ ସଭାପତି ଆନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କବିତା ପୁସ୍ତକ 'ଆଶ୍ଳେଷ' ଓ 'ଆଭା' ଉନ୍ମୋଚିତ

ବରଗଡ଼, ୪।୧(ସମିସ)

ଆଜି ସ୍ଥାନୀୟ ଗାନ୍ଧୀ ସ୍ମୃତି ପାଠାଗାର ସଭାଗୃହରେ ଅବସର ପ୍ରାପ୍ତ ଅଧ୍ୟାପକ ତଥା ବରିଷ୍ଠ କବି ମନୋଜ ଦାଶଙ୍କ ଦୁଇଟି କବିତା ସଂକଳନ 'ଆଶ୍ଳେଷ' ଓ 'ଆଭା' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। କବି ଦିବ୍ୟ କିଶୋର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ପ୍ରଫେସର ଅନ୍ତର୍ଯ୍ୟାମୀ ସାହୁ, ମୁଖ୍ୟବକ୍ତା ଡ. ରବୀନ୍ଦ୍ର ଗଡ଼ତିଆ, ସମୀକ୍ଷିକା ଡ. ସଂଘମିତ୍ରା ମିଶ୍ର ଏବଂ କବି ମନୋଜ କୁମାର ଦାଶ ମଞ୍ଚାସିନ ଅତିଥି ଭାବେ ଯୋଗଦେଇ କବିତା ପୁସ୍ତକ ଆଶ୍ଳେଷ ଓ ଆଭା ଉପରେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ନିଶାମଣି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଡ. ସଙ୍ଗୀତା ରଥ ସଞ୍ଚାଳନ କରିଥିବା ବେଳେ ପୁସ୍ତକ ଦ୍ୱୟ ଏମ୍.ଆର୍. ପ୍ରେସରେ ସୁନ୍ଦର ପରିପାଟୀରେ ମୁଦ୍ରିତ ହୋଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରୋହିତ ଦାଶ, ତରଣୀ ସେନ ବୁଧିଆ, ସୁକୋମଳ ଦାଶ, ଦୟାନିଧି ମହାପାତ୍ର, ଦାମୋଦର ସାହୁ, ହୈମବତୀ ମିଶ୍ର, ସେବାଶ୍ରୀ ପାତ୍ର, ସନ୍ତୋଷିନୀ ଦାଶ, ନୁରାବତୀ ସାହୁ, ତ୍ରିବିକ୍ରମ ତ୍ରିପାଠୀ, ପ୍ରଦେସୀ ବାରିକ, ଗୌରୀଶଙ୍କର ପଣ୍ଡା, ମନୋରଞ୍ଜନ ମେହେର, ଦୂତି ସାହୁ, ରୋଜାଲିନ ମିଶ୍ର, ତପସ୍ୱୀନି ମହାପାତ୍ର, ସୁପ୍ରଭା ସାମଲ, ଆଶା ରାଣୀ ରାଭେନ, ଜଗଦୀଶ ବେହେରା, ପ୍ରଦୀପ ମିଶ୍ର, ବିକ୍ରମ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ରୋଜାଲିନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଲୁଇବ୍ରେଲଙ୍କ ଜୟନ୍ତୀ



ବରଗଡ଼, ୪।୧(ସମିସ): ମହାମା ଲୁଇବ୍ରେଲଙ୍କ ଜୟନ୍ତୀ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ବରଗଡ଼ ପକ୍ଷରୁ ପ୍ରଧାନ ଶିକ୍ଷକ ଅଭୟ କୁମାର ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅଭୟ କୁମାର ପଧାନ ବ୍ରେଲ ଦିବସ ପାଳନର ତତ୍ପର୍ଯ୍ୟ ଉପରେ ଅଭିଭାଷଣ ରଖିଥିବା ବେଳେ ଦୃଷ୍ଟିବାଧିତ ଶିକ୍ଷକ ଲଡୁକିଶୋର ବେହେରା ବ୍ରେଲ୍ ଲିପିର ଉଦ୍‌ଭାବନ କରିଥିଲେ। ଏହାଦ୍ୱାରା ହେଉଥିବା ବିଶ୍ୱର ସମସ୍ତ ଦୃଷ୍ଟି ବାଧିତ ବ୍ୟକ୍ତିମାନଙ୍କର ଅଗ୍ରଗତି ଉପରେ ସେ ବକ୍ତବ୍ୟ ରଖିଥିଲେ। ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ ବ୍ରେଲ୍ ଲିପି ବ୍ୟବହାର ହେବା ଦ୍ୱାରା ଦୃଷ୍ଟି ବାଧିତ ବ୍ୟକ୍ତିମାନେ କିଭଳି ସହଜରେ ଶିକ୍ଷା ଲାଭ କରି ସବୁକ୍ଷେତ୍ରରେ ସଫଳତା ପାଇବା ସହ ଆତ୍ମନିର୍ଭର ହୋଇ ସ୍ୱାଭିମାନର ସହିତ ଜୀବନ ଯାପନ କରୁଛନ୍ତି ସେ ଦିଗରେ କହିଥିଲେ। ସବୁଦିନ ପାଇଁ ଏହି ଅବଦାନ ପାଇଁ ଦୃଷ୍ଟିହୀନ ସମାଜ ମନେ ରଖିବେ ବୋଲି ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ।

